



# କଟକ ସିଟି

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶତବାର୍ଷିକ ଉତ୍ସବ

## ଚିତ୍ତରଞ୍ଜନଙ୍କ ବ୍ୟକ୍ତିତ୍ୱରେ ପ୍ରତିବିମ୍ବିତ ହୁଏ ବିସ୍ମୟ ଓ ବିରୋଧାଭାସ

କଟକ, ୩୧।୩(ସମିସ)

ଚିତ୍ତରଞ୍ଜନ ଦାସଙ୍କ ଚିନ୍ତାଚେତନା ଓ ସାରସ୍ୱତ ସାଧନା ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଆସିଛି। ତାଙ୍କ ବ୍ୟକ୍ତିତ୍ୱରେ ବିସ୍ମୟ ଓ ବିରୋଧାଭାସ ପ୍ରତିବିମ୍ବିତ ହୁଏ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକ ଉତ୍ସବରେ ଯୋଗ ଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି।

ରବିବାର ସଂଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ ଯୋଗ ଦେଇ ଚିତ୍ତରଞ୍ଜନନ ଦାସ ପରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ ଏବଂ ଜୀବନ ଜୀଇଁବାର କଳା ତାଙ୍କଠାରୁ ଶିଖିବାର କଥା ବୋଲି କହିଥିଲେ। ସମ୍ମାନନୀୟ ଅତିଥି ବିଶିଷ୍ଟ ସାହିତ୍ୟ ସମାଲୋଚକ ଓ ଗବେଷକ ଡକ୍ଟର ଗୌରାଙ୍ଗ ଚରଣ ଦାଶ ଚିତ୍ତରଞ୍ଜନ ଦାସଙ୍କ ଜୀବନ ଓ ସାଧନାର ବହୁମୁଖୀ ଦିଗ ଓ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ବିଶିଷ୍ଟ ସାହିତ୍ୟ ସମୀକ୍ଷକ ଡକ୍ଟର ସନ୍ତୋଷ କୁମାର ରଥ ଚିତ୍ତରଞ୍ଜନଙ୍କୁ ଜଣେ ଅସାଧାରଣ ପ୍ରତିଭା ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଚିତ୍ତରଞ୍ଜନଙ୍କ ସାରସ୍ୱତ କୃତିର ବୈଚିତ୍ର୍ୟ ଓ ବିଶେଷତ୍ୱକୁ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶତବାର୍ଷିକ ଉତ୍ସବରେ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚକୁ ଆମନ୍ତ୍ରଣ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶଶିକାନ୍ତ ରାଉତ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ କୋଷାଧ୍ୟକ୍ଷ ଶିବାଶିଷ କର। ଉତ୍ସବରେ ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ଗାୟତ୍ରୀ ଦେବୀ, ବିଜୟଲକ୍ଷ୍ମୀ ନାୟକ, ତପନ କୁମାର ସ୍ୱାଇଁ, ମୁରଲୀଧର ଶତପଥୀଙ୍କ ସମେତ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଶୈଳଜ ରବି, ଡକ୍ଟର ନଟବର ଶତପଥୀ, ଡାକ୍ତର ଯୁଧିଷ୍ଠିର ପଣ୍ଡା ପ୍ରମୁଖଙ୍କ ସମେତ ସୁହୃଦ୍ ଗୋଷ୍ଠୀର ସଭ୍ୟମାନେ ଯୋଗ ଦେଇଥିଲେ।

### ଗୁପ୍ତଧନ ଆଳରେ ଠକେଇ ଘଟଣା

# ଠକ ମୌଲାନା କୈଫ୍‌ର ମୁଖ୍ୟ ସହଯୋଗୀ ଗିରଫ

କଟକ, ୩୧।୩(ସମିସ)

ଆତ୍ମଘୋଷିତ ତାନ୍ତ୍ରିକର ପରିଚୟ ଦେଇ ଘରୁ ପ୍ରେତାତ୍ମା ତଡ଼ିବା ଓ ଗୁପ୍ତଧନ କାଢ଼ିବା ଘଟଣାରେ ପୂର୍ବରୁ ଗିରଫ ହୋଇଥିବା କୈଫି ଖାନର ମୁଖ୍ୟ ସହଯୋଗୀକୁ ଆଜି ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କେଶରପୁରର ଏମ୍‌ଡି ଆସ୍‌ପାକ୍ (୨୩)। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। କୈଫିର ୩ଜଣ ସହଯୋଗୀ ସିମର୍ ଖାନ, ଅମିର୍ ଖାନ୍ ଓ ସେକ୍ ଇସ୍ରାଏଲ୍ ପୂର୍ବରୁ ଗିରଫ ହୋଇଥିଲେ। କିନ୍ତୁ ମୁଖ୍ୟ ସହଯୋଗୀ ଆସ୍‌ପାକ୍ ପୁଲିସ ଆଖିରେ ଧୂଳି ଦେଇ ଗତ ବର୍ଷ ମାର୍ଚ୍ଚ ମାସ ୨୮ ତାରିଖରୁ ଫେରାର ଥିଲା। ଆଜି ମଙ୍ଗଳାବାଗ ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ମିଳିତ ଉଦ୍ୟମରେ ଅଭିଯୁକ୍ତ ଆସ୍‌ପାକ୍‌କୁ ଗିରଫ କରାଯାଇଥିଲା।

ପୁଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ଗତ କିଛି ବର୍ଷ ହେବ କୈଫି ଖାନ ନିଜକୁ ତାନ୍ତ୍ରିକ ଭାବେ ପରିଚୟ ଦେଇ କଟକ ସମେତ ଭଦ୍ରକ, ଭୁବନେଶ୍ୱର ଓ ଢେଙ୍କାନାଳ ଅଞ୍ଚଳର ଲୋକଙ୍କୁ ଠକି ଆସୁଥିଲା। ପ୍ରଥମେ ଘରେ କୌଣସି ପ୍ରେତାତ୍ମାର ଖରାପ ଦୃଷ୍ଟି ଥିବା ଜଣାଇ ସେ ଲୋକଙ୍କୁ ତାହାର ପ୍ରତିକାର ପାଇଁ କହୁଥିଲା। ଏହାପରେ ରାତିରେ ସେହି ଘରକୁ ଯାଇ ମିଛ ପୂଜାପାଠ କରି ପ୍ରେତାତ୍ମା ତଡିଦେଲା ବୋଲି ପ୍ରଚାର କରୁଥିଲା। ତେବେ ପୂଜା ପାଠ ବେଳେ ଘରେ ଗୁପ୍ତଧନ ଥିବା ସୂଚନା ଦେଇ ପୂର୍ବ ଠକାମି ଯୋଜନାକୁ କାର୍ଯ୍ୟକାରୀ କରୁଥିଲା। ଆଉ ଏହି ଗୁପ୍ତଧନକୁ କାଢ଼ିବା ପାଇଁ ସେ ମୋଟା ଅଙ୍କର ଅର୍ଥ ଦାବି କରୁଥିଲା। ସୁଯୋଗ ଦେଖି ରାତି ଅଧରେ କୈଫି କିଛି ସହଯୋଗୀଙ୍କୁ ନେଇ ଘରେ ଏକ ଗାତ ଖୋଳି ସେଥିରୁ ଧାତୁରେ ନିର୍ମିତ କିଛି ନକଲି ମୂର୍ତ୍ତି ଓ ସୁନା ଖଣ୍ଡ ରଖିଦେଇ ପୁଣି ବାହାର କରୁଥିଲା। ଏହାପରେ ସେହି ସୁନା ଖଣ୍ଡକୁ ସୁଦ୍ଧି କରଣ ନାଁରେ କସ୍ତୁରୀ ଆଣିବା କହି ପୁଣି ଲକ୍ଷଲକ୍ଷ ଟଙ୍କା ହଡପ କରୁଥିଲା। ରାଣୀହାଟ ଅଞ୍ଚଳର ଶର୍ମିଳା ସେନ୍‌ଙ୍କୁ ଏଭଳି କରି ସେ ପ୍ରାୟ ୬୨ ଲକ୍ଷ ଟଙ୍କା ଠକି ନେଇଥିଲା। ଏନେଇ ଶର୍ମିଳା ଥାନାର ଦ୍ୱାରସ୍ଥ ହେବାରୁ କୈଫି ଖାନର ଠକାମି ଧରାପଡ଼ିଥିଲା। ଏହା ପରେ ଗତ ୨୦୨୩ ମସିହା ଏପ୍ରିଲ ୨୮ ତାରିଖରେ କୈଫିକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପରେ ଦୀର୍ଘ ଦିନର ତଦନ୍ତ ଓ ରିମାଣ୍ଡରେ ଆଣି ଜେରା ପରେ କୈଫି ଠାରୁ କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ ହୋଇଥିଲା। ମାତ୍ର ଘଟଣା ପରଠୁ ତାର ସମସ୍ତ ସହଯୋଗୀ ଫେରାର ହୋଇଯାଇଥିଲେ। ଏହି ସହଯୋଗୀମାନେ ଠକାମିରେ ତାକୁ ସାହାଯ୍ୟ କରୁଥିଲେ। ଏହି କ୍ରମରେ କୈଫି ଗିରଫ ହେବା ପରଠୁ ସେକ୍ ଇରସାଏଲ୍, କୈଫିର ଦାଦା ଅମିର ଖାନ୍, ସମିର୍ ଖାନ୍ ସହିତ ମୁଖ୍ୟ ସହଯୋଗୀ ଆସ୍‌ପାକ୍ ଫେରାର ହୋଇଯାଇଥିଲା। ପ୍ରାୟ ଦେଢ ମାସ ପରେ ଇସ୍ରାଏଲ୍, ଅମିର୍ ଓ ସମିର୍‌ଙ୍କୁ ଗିରଫ କରାଯାଇଥିଲା। ସେଦିନ ଠାରୁ ମୁଖ୍ୟ ସହଯୋଗୀ ଆସ୍‌ପାକ୍‌କୁ ପୁଲିସ ଖୋଜୁଥିଲା।

ଏଠାରେ ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର୍ ସକିଲ୍‌ର ନାଁ ନେଇ ଭଣ୍ଡ ମୌଲାନା କୈଫ୍ ଖାନ୍ ଆତଙ୍କ କରୁଥିଲା। ଲୋକମାନଙ୍କୁ ଠକିବା ପରେ କେହି ଯଦି ପ୍ରତିବାଦ କରୁଥିଲା, ଜୀବନରୁ ମାରି ଦେବାକୁ ଧମକ ଦେଉଥିଲା। ସକିଲ୍‌ର ଭଣ୍ଡ ମୌଲାନା ସମ୍ପର୍କୀୟ ଭାଇ ବୋଲି କୈଫ୍‌କୁ ଜେରା ସମୟରେ ପୁଲିସ ଜାଣିବାକୁ ପାଇଥିଲା। ଅନ୍ୟପଟେ ଠକ ମୌଲାନା କୈଫ ଖାନ୍‌ର ଘନିଷ୍ଠ ସହଯୋଗୀ ସେକ୍ ଇସ୍ରାଏଲକୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଥିଲା। କୈଫର ଅଧିକାଂଶ ଠକେଇରେ ଇସ୍ରାଏଲର ପ୍ରମୁଖ ଭୂମିକା ଥିଲା ବୋଲି ପୁଲିସ କହିଥିଲା। ମୁଖ୍ୟତଃ ଗ୍ରାହକ ଯୋଗାଡ ତଥା ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ପ୍ରବର୍ତ୍ତାଇ କୈଫ ପାଖକୁ ଆଣୁଥିଲା ଇସ୍ରାଏଲ। ଭଣ୍ଡ ମୌଲାନା ସହିତ ଇସ୍ରାଏଲ୍ କଥାବାର୍ତ୍ତା ଥିବା ଏକ ଭିଡିଓ ପୁଲିସର ହସ୍ତଗତ ହେବା ପରେ ପୁଲିସ ରାତାରାତି ତାକୁ ଥାନାକୁ ଆଣିଥିଲା। ଜେରା ପରେ ପୁଲିସ ଇସ୍ରାଏଲକୁ ଗିରଫ କରିଥିଲା। ସେହି ସମୟରେ ଆସପାକ୍‌ର ସମ୍ପୃକ୍ତି ପୁଲିସ ଜାଣିବାକୁ ପାଇଥିଲା। ଯେହେତୁ ଗ୍ୟାଙ୍ଗଷ୍ଟର୍ ସକିଲ ସହିତ ଭଣ୍ଡ ମୌଲାନାର ଯୋଗସୂତ୍ର ରହିଥିଲା, ପୁଲିସ ସକିଲ୍‌ର କେତେକ ସହଯୋଗୀଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ପୂର୍ବରୁ କୈଫ୍ ବିରୋଧରେ ଅଭିଯୋଗ କଲେ ଖୋଦ ସକିଲ ଓ ତାର କେତେକ ସହଯୋଗୀ ଫୋନ ମାଧ୍ୟମରେ ଧମକ ଦେଉଥିଲେ। ଯାହାଫଳରେ ଲକ୍ଷାଧିକ ଟଙ୍କା ଠକେଇର ଶିକାର ହେବା ପରେ ମଧ୍ୟ କେହି ମୁହଁ ଖୋଲିବାକୁ ସାହସ ଜୁଟାଇ ପାରୁନଥିଲେ। ଏହି ସୁଯୋଗରେ କୈଫ ନିର୍ଭୟରେ ଲୋକଙ୍କୁ ଠକୁଥିଲା। ସକିଲ୍ ଓ କୈଫ୍ ମଧ୍ୟରେ ଅଭିଯୁକ୍ତ ଆସପାକ୍ ଯୋଗସୂତ୍ର ରଖି ଏହି ଠକାମୀ ର୍ୟାକେଟ୍ ଚଳାଉଥିଲା। ଆଜି ଆସପାକ୍ ଗିରଫ ପରେ କୈଫ୍‌ର ଅପରାଧିକ ସାମ୍ରାଜ୍ୟ ଧୂଳିସାତ୍ ହୋଇଛି।




**ପୂର୍ବରୁ କୈଫ୍ ସହିତ ସମିର୍ ଓ ଅମିର୍ ଗିରଫ ହୋଇଥିଲେ**

**ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଏମ୍‌ଡି ଆସ୍‌ପାକ୍‌କୁ କାବୁକଲା ପୁଲିସ**

### ୨ ପୁଲିସ କର୍ମଚାରୀଙ୍କୁ ଠକିବା ଘଟଣା

## ଟଙ୍କା ଠକେଇ ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ ଗିରଫ

କଟକ, ୧୬।୬(ସମିସ): ଷଷ୍ଠ ବାଟାଲିୟନ୍‌ର ଦୁଇ ପୁଲିସ କର୍ମଚାରୀଙ୍କୁ ୧୨ ଲକ୍ଷ ମୂଲ୍ୟର ଶହେ ଟଙ୍କିଆ ନୋଟ୍ ବଦଳରେ ପୁଳାପୁଳା କାଗଜବିଡ଼ା ଧରାଇ ଫେରାର୍ ହେବା ଘଟଣାରେ ମଙ୍ଗଳାବାଗ ପୁଲିସ ଆଜି ଘଟଣାର ମାଷ୍ଟରମାଇଣ୍ଡକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ବିରିଡ଼ି ଥାନା ଅନ୍ତର୍ଗତ ବୁଢ଼ାପଡ଼ାର ବାପୁନି ଓରଫ ଘନ ଭୋଇ। ତାକୁ ଆଜି କୋର୍ଟ ଚାଲାଣ କରଯାଇଛି।



ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଅଗଷ୍ଟ ମାସରେ ଷଷ୍ଠ ବାଟାଲିଅନ୍‌ରେ କାମ କରୁଥିବା ଜଣେ ପୁଲିସ କର୍ମଚାରୀଙ୍କୁ ଏକ ଫୋନ୍ କଲ୍ ଆସିଥିଲା। ଜଣେ ମନ୍ତ୍ରୀଙ୍କ ସହଯୋଗୀ ବୋଲି ପରିଚୟ ଦେଇ ପ୍ରାୟ ୧୦ ଲକ୍ଷ ଟଙ୍କାର ୫ଶହ ଟଙ୍କିଆ ନୋଟ୍ ନେବାକୁ ଚାହୁଁଛନ୍ତି ବୋଲି ଫୋନ୍‌ରେ କହିଥିଲେ। ଏହା ବଦଳରେ ସେ ୧୨ ଲକ୍ଷ ଟଙ୍କାର ଶହେ ଓ ୨ଶହ ଟଙ୍କିଆ ନୋଟ୍ ଦେବେ ବୋଲି ଜଣାଇଥିଲେ। ଏହି କଥା ସେହି ପୁଲିସ କର୍ମଚାରୀ ଜଣକ ଅନ୍ୟ ଜଣେ ପୁଲିସ କର୍ମଚାରୀଙ୍କୁ ଜଣାଇବା ପରେ ଏଥିରେ ଦୁହେଁ ରାଜି ହୋଇ ୧୦ ଲକ୍ଷ ଟଙ୍କାର ୫ଶହ ଟଙ୍କିଆ ନୋଟ୍ ଯୋଗାଡ଼ କରିଥିଲେ। ବଦଳ କରିବା ପାଇଁ କଟକର ଏକ ସ୍ଥାନ ଓ ଦିନ ଧାର୍ଯ୍ୟ ହୋଇଥିଲା। ଗତ ଅଗଷ୍ଟ ୨ ତାରିଖ ଦିନ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ୍ ପାଖରେ ଉଭୟ ପହଞ୍ଚିଲେ। ସେଠାରେ ଟଙ୍କା ନେବାକୁ ଆସିଥିବା ୨ ଯୁବକ ମଧ୍ୟ ପହଞ୍ଚିଥିଲେ। ଏକ କାର୍ ଭିତରେ ୫ଶହ ଟଙ୍କିଆ ନୋଟ୍ ଗଣତି ହୋଇଥିଲା। ଆଉ ଏହି ଟଙ୍କା ଗଣତି ବେଳେ ଅତି ଚତୁରତାର ସହିତ ଅସିଲି ୫ଶହ ଟଙ୍କିଆ ନୋଟ୍‌କୁ ନେଇଯାଇ ସେହି ବ୍ୟାଗ୍ ଭିତରେ ପୁଳାପୁଳା କାଗଜବିଡ଼ା ରଖି ଦେଇଥିଲେ। ଶହେ ଓ ୨ଶହ ଟଙ୍କିଆ ନୋଟ୍ ଆଣିବାକୁ ଯାଉଛୁ ବୋଲି କହି ୨ ଯୁବକ ସେଠାରୁ ଗଲା ପରେ ଆଉ ଫେରି ନଥିଲେ। ଏଥିରେ ସନ୍ଦେହ ହେବାରୁ ୨ ପୁଲିସ କର୍ମଚାରୀ ଟଙ୍କା ବ୍ୟାଗ୍ ଯାଞ୍ଚ କରିଥିଲେ। ସେଥିରେ କାଗଜବିଡ଼ା ରହିଥିଲା। ଏନେଇ ୨ ଜଣ ଥାନାରେ ଏତଲା ଦେବାରୁ ପୁଲିସ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ସରୋଜକାନ୍ତ ଜେନା, ରାଜେଶ କୁମାର ଖୁଣ୍ଟିଆ, ସୁଶାନ୍ତ କୁମାର ସେଠୀ ଓ ମନୋଜ ନାୟକ ଗିରଫ କରିଥିଲା। ଲକ୍ଷେ ୧୦ ହଜାର ଓ କିଛି ସୁନା ଅଳଙ୍କାର ଜବତ କରିଥିଲା। ଏହାର କିଛି ଦିନ ପରେ ଅନ୍ୟତମ ଅଭିଯୁକ୍ତ ସ୍ୱାଧୀନ ପ୍ରଧାନ କୋର୍ଟରେ ସରେଣ୍ଡର ମଧ୍ୟ କରିଥିଲା। ମାତ୍ର ଘଟଣାର ମାଷ୍ଟରମାଇଣ୍ଡ ଅଭିଯୁକ୍ତ ବାପୁନି ଫେରାର୍ ଥିଲା। ଆଜି ତାକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଘଟଣା ଦିନ କାର୍ ଭିତରେ ସ୍ୱାଧୀନ ଓ ବାପୁନି ହିଁ ଟଙ୍କା ଗଣୁଥିଲେ। ଏପରିକି ୧୦ ଲକ୍ଷ ଟଙ୍କା ବାପୁନି ନେଇ ଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପୁଲିସ କହିଛି।

## କଟକ କ୍ଲବ୍‌ରେ ରକ୍ତଦାନ ଶିବିର

କଟକ, ୩୧।୩(ସମିସ): କଟକ କ୍ଲବରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ସୋନା ଆରବିକ ଏବଂ କଟକ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରୁ ୧୫୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରାଜ୍ୟ ମାନବାଧିକାର କମିଶନ ସଦସ୍ୟ ଅସୀମ ଅମିତାଭ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। କଟକ କ୍ଲବ ସଭାପତି ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ସିବି ବ୍ଲଡ ବ୍ୟାଙ୍କ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। କଟକ କ୍ଲବ ସମ୍ପାଦକ ଯଶୋବନ୍ତ ଦାସ, କୋଷାଧ୍ୟକ୍ଷ ସତ୍ୟ ଶୋଭନ ନନ୍ଦ, କମିଟି ସଦସ୍ୟ ସୁବ୍ରତ ଦାଶ, ସୁଶାନ୍ତ ତ୍ରିପାଠୀ, ଅଂଶୁ ତ୍ରିପାଠୀ, ସୁପ୍ରିୟା ମହାନ୍ତି, ନାରାୟଣ ଚାରିଟେବୁଲ ଟ୍ରଷ୍ଟର ଡଃ ଆଶିଷ ମଲ୍ଲ, ସମାଜସେବୀ ଦୀନେଶ ଗୁପ୍ତା, ସମାଜସେବୀ ଅଭିମନ୍ୟୁ ଦାସ, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାଏ, ଡଃ ଅଭୟ ପଟ୍ଟନାୟକ, ସୁଦୀପ୍ତା ନନ୍ଦ ଉପସ୍ଥିତ ଥିଲେ।



### ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର

## ୧୬୧ ୟୁନିଟ୍ ରକ୍ତ ସଂଗୃହୀତ

କଟକ, ୩୧।୩ (ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାରରେ ଏବେ ରକ୍ତର ବହୁତ ଅଭାବ ଦେଖା ଦେଇଛି। ଯାହା ଦ୍ୱାରା ବହୁତ ରୋଗୀ ଓ ଥଲାସିମିଆ ରୋଗରେ ପୀଡିତ ଛୋଟ ଛୋଟ ଛୁଆମାନେ ରକ୍ତ ପାଇ ପାରୁନାହାନ୍ତି। ଏମିତିକି ରୋଗୀଙ୍କ ପରିଜନ ରକ୍ତ ଭଣ୍ଡାର ଆଗରେ ଦିନ ଦିନ ଧରି ଅପେକ୍ଷା କରିବା ସହ ରକ୍ତ ନିମନ୍ତେ ସମସ୍ତଙ୍କୁ ଗୁହାରି କରୁଥିବା ଦେଖା ଯାଇଛି। ଏହି ପରିପ୍ରେକ୍ଷୀରେ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଲକ୍ଷ୍ୟ ରଖି କଟକର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଆଜି ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରଦ୍ଧା ଗାର୍ଡେନ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ରକ୍ତ ଦେବା ନିମନ୍ତେ ବହୁତ ଲୋକ ଉତ୍ସାହିତ ହୋଇଥିବାର ଦେଖିବାକୁ ମିଳିଥିଲା। ଗରମ ଓ ଖରାକୁ ଖାତିର ନ କରି ବହୁ ରକ୍ତଦାତା ଶିବିର ରେ ପହଞ୍ଚି ରକ୍ତଦାନ କରିଥିଲେ। ଶିବିରରେ ୨୬୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବିଭିନ୍ନ ସମୟରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସହ ଗ୍ରୀଷ୍ମ ଦିନେ ଶହଶହ ୟୁନିଟ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟକୁ ଦୂର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ସ୍ୱପ୍ନ ଫାଉଣ୍ଡେସନ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡାକ୍ତର ଜୟନ୍ତ କୁମାର ପଣ୍ଡା, କର୍ପୋରେଟର ସୁବ୍ରତ ଘଡେଇ, ହାସ୍ୟ ଅଭିନେତା ପପୁ ପମ ପମ, ଗୁଲୁଆ, ଅଭିନେତ୍ରୀ ଭୂମିକା, କୁକିସ ସ୍ୱାଇଁ, ଅଭିନେତା ପାର୍ଥ ସାରଥୀ ରାୟ, ଅଭିଷେକ ଗିରି, ସୁଲଗ୍ନା, ଆଶୁତୋଷ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।



### ଏସ୍‌ସିବି ମେଡିକାଲ

# ଆଧାରକାର୍ଡ ଦ୍ୱାରା ନାମ ପଞ୍ଜୀକରଣ; ତଥାପି ତ୍ରୁଟି

କଟକ, ୩୧।୩(ସମିସ)

ଏସ୍‌ସିବି ମେଡିକାଲ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ମୃତ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ମଧ୍ୟ ସଠିକ ଭାବେ କରାଯାଉନାହିଁ। ନାଁ ଲେଖିବାରେ ଭୁଲ୍ କରୁଛନ୍ତି ଏସ୍‌ସିବି କର୍ମଚାରୀ। ଆଉ ନାମ ସଂଶୋଧନ କରିବାକୁ ଯାଇ ମୃତକଙ୍କ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ମୃତ୍ୟୁ ପ୍ରମାଣପତ୍ର ବି ମିଳି ପାରୁନାହିଁ। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ। ଚିକିତ୍ସାଧିନ ପ୍ରତ୍ୟେକ ରୋଗୀଙ୍କର ଆଧାରକାର୍ଡ ଦାଖଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଗତ ସେପ୍ଟେମ୍ବର ୨୩ରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଭାଗକୁ ଚିଠି ଲେଖାଯାଇଥିଲା। ଆଧାରକାର୍ଡର କପି ରଖାଯିବା ଦ୍ୱାରା ରୋଗୀଙ୍କ ନାମ ପଞ୍ଜୀକରଣରେ ଆଉ ତ୍ରୁଟି ରହିବ ନାହିଁ। ଏଣୁ ଆଧାରକାର୍ଡ ଦାଖଲ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ରହିଥିଲା। ନିର୍ଦ୍ଦେଶାବଳୀକୁ ଇତି ମଧ୍ୟରେ ୫ ମାସ ପୂରଣ ହୋଇଥିଲେ ସୁଦ୍ଧା ଏହା ସଫଳ ରୂପ ନେଇ ପାରୁନାହିଁ। ଏବେବି କିଛି ଲୋକେ ହଇରାଣରେ ପଡୁଛନ୍ତି। ମୃତ୍ୟୁ ପ୍ରମାଣପତ୍ରରେ ତ୍ରୁଟି ରହିଥିବା ନେଇ ମାଳମାଳ ଅଭିଯୋଗ ସିଏମସି ନିକଟରେ ଦାଖଲ ହେଉଛି ବୋଲି କଟକ ମହାନଗର ନିଗମର ଜନୈକ କର୍ମଚାରୀ କହିଛନ୍ତି। ଏ ବାବଦରେ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ରିସିଭ କରିନଥିଲେ।

ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ କଟକ ବଡ ମେଡିକାଲରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ନାମ ପଞ୍ଜୀକରଣ ଜନିତ ତ୍ରୁଟିକୁ ସୁଧାରିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ୫ମାସ ପୂର୍ବେ ଯେଉଁ ନିୟମ କରିଥିଲେ ତାହା କାର୍ଯ୍ୟକାରୀ ହୋଇଥିଲେ ଏହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇ ପାରିନାହିଁ। କଟକ ମହାନଗର ନିଗମର ଜନୈକ କର୍ମଚାରୀଙ୍କ ସୂଚନା ମୁତାବକ, ଏବେ ବି ଅନେକ ଲୋକଙ୍କ ଅଭିଯୋଗ ଆସୁଛି। ମୃତ୍ୟୁ ପ୍ରମାଣପତ୍ର ନିମନ୍ତେ ଆବେଦନ କରୁଥିବା ଲୋକେ ସେମାନଙ୍କ ମୃତ ସମ୍ପର୍କୀୟଙ୍କ ନାମରେ ତ୍ରୁଟି ରହୁଥିବା ଜଣାଉଛନ୍ତି। ନାମ ସଂଶୋଧନ କରିବାକୁ ଯାଇ ମୃତକଙ୍କ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ମୃତ୍ୟୁ ପ୍ରମାଣପତ୍ର ବି ସଠିକ ସମୟରେ ମିଳି ପାରୁନାହିଁ। କଟକ ମହାନଗର ନିଗମ(ସିଏମସି), କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ଧରି ଦୌଡୁଥିଲେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ପ୍ରତ୍ୟେକମାସରେ ଏଭଳି ଅଭିଯୋଗ ଆସୁଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ବିଶେଷ ଦୃଷ୍ଟି ଦେବା ଉଚିତ ବୋଲି ସେ କହିଛନ୍ତି।

ପ୍ରକାଶଥାଉକି, କିଛି ମାସ ପୂର୍ବେ ବକ୍ସିବଜାର ଅଞ୍ଚଳର ସେଖ୍ ହବିବ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହବିବଙ୍କ ଶବ ବ୍ୟବଚ୍ଛେଦ କରାଯାଇ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାର କିଛି ଦିନ ପରେ ହବିବଙ୍କ ପରିବାର ଲୋକେ ମୃତ୍ୟୁ ପ୍ରମାଣପତ୍ର ଆବେଦନ କରିବା ନିମନ୍ତେ ସିଏମସି କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେଠାକୁ ଯିବା ପରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହବିବଙ୍କ ନାମ ପଞ୍ଜୀକରଣ ଭୁଲ ହୋଇଥିବା ଜଣାପଡ଼ିଥିଲା। 'ସେଖ୍ ହବିବ' ଲେଖିବା ପରିବର୍ତ୍ତେ 'ସେଖ୍ ହବିଡ' ଲେଖାଯାଇଥିଲା। ଆଧାରକାର୍ଡ ସହ ଏହା ମେଳ ଖାଉନଥିବାରୁ ସିଏମସି କାର୍ଯ୍ୟାଳୟରେ ହବିବଙ୍କ ମୃତ୍ୟୁ ପ୍ରମାଣପତ୍ର ଆବେଦନ ହୋଇ ପାରିନଥିଲା। ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ଏସ୍‌ସିବି କର୍ତ୍ତୃପକ୍ଷ ନୂତନ ନିୟମ କରିଥିଲେ। ଚିକିତ୍ସାଧିନ ପ୍ରତ୍ୟେକ ରୋଗୀଙ୍କ ଆଧାରକାର୍ଡ ଦାଖଲ କରାଯିବା ବାଧ୍ୟତାମୂଳକ ବୋଲି ଘୋଷଣା କରିଥିଲେ। ନିୟମ ଲାଗୁ ହେବା ସତ୍ତ୍ୱେ ସମସ୍ୟା ଦୂର ହୋଇପାରିନାହିଁ।




**ବାଧ୍ୟତାମୂଳକ ହୋଇଛି ରୋଗୀଙ୍କ ଆଧାରକାର୍ଡ ଦାଖଲ**

**ଏବେବି ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ଧରି ସିଏମ୍‌ସି ଧାଉଁଛନ୍ତି ଲୋକେ**


ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱ ସୁଭାଷ ଚନ୍ଦ୍ର ପରିଡା

ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

# କଟକ ସିଟି









ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି ଦଳୀୟ ନେତୃବୃନ୍ଦ

# ମୁଖ୍ୟମନ୍ତ୍ରୀଙ୍କୁ ଚୌଦ୍ୱାର-କଟକ ବିଜେଡି ପକ୍ଷରୁ କୃତଜ୍ଞତା

**କଟକ,୩୧।୩(ସମିସ)**





ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦ୍ୱିତୀୟବାର ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଛନ୍ତି। ଏହି ଅବସରରେ ଆଜି ମହାନଦୀବିହାର ସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ସିଡ଼ିଏ ମଣ୍ଡପ ଠାରେ ଚୌଦ୍ୱାର କଟକ ବିଜେଡି ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ସମସ୍ତ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହିତ ନବୀନ ଓଡ଼ିଶା ଓ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଏବଂ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସଭାରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ରାମକାନ୍ତ ଲେଙ୍କା, ଡେପୁଟି ମେୟର ଦମୟନ୍ତି ମାଝୀ, ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡାଇ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜେନ୍ଦ୍ର ରଣା, ସମାଜସେବୀ ସଞ୍ଜୟ ଜେନା, ଏମଡିଏ ସମ୍ପାଦକ ହିମାଂଶୁ ଷଡଙ୍ଗୀ, ରାକେଶ ତ୍ରିପାଠୀ, କାବୁଲା ଆଚାର୍ଯ୍ୟ, ପତିତପାବନ ନାୟକ, ପ୍ରଦୀପ ସାହୁ , ଚିରଞ୍ଜୟ ସାହୁ , ଦିଲ୍ଲୀପ ସାହୁ , ପ୍ରତାପ ଦାସ , ଅକ୍ଷୟ ପଣ୍ଡା, କର୍ପୋରେଟର ତାପସ ସାମନ୍ତରାୟ , ଅରବିନ୍ଦ ଜେନା , ବିଶ୍ୱ ବନ୍ଦିତା ପଣ୍ଡା, ସୌଭାଗିନୀ ଜେନା , ଝିଲି ବିହାରୀ , ନଳିନୀ ବେହେରା, ପ୍ରଳୟା ବେଉରା, ରାଜ୍ୟ ଉପସଭାପତି ଭବାନୀ ଶଙ୍କର ଦାସ, ଜିଲ୍ଲା ଯୁବଜନତା ସଭାପତି ସ୍ମୃତିରଞ୍ଜନ ନାୟକଙ୍କ ସମେତ ରାଜ୍ୟ ଓ ଜିଲ୍ଲା ଦାୟିତ୍ୱରେ ଥିବା ବହୁ ବିଜେଡି କର୍ମୀ, ଯୁବ ବିଜେଡି କର୍ମୀ, ବିଭିନ୍ନ ୱାର୍ଡର ସଭାପତି, ମୁରବୀ ଓ ମହିଳାମାନେ ଉପସ୍ଥିତ ଥିଲେ। ଏଥି ସହିତ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଏମ୍‌ସିର ବିଭିନ୍ନ ୱାର୍ଡରେ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇ ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ଅର୍ପଣ କରାଯାଇଥିଲା।

# ଆଇସିୟୁ ବିଶୁଦ୍ଧିକରଣ; ରୋଗୀ ହଇରାଣ

**କଟକ,୩୧।୩(ସମିସ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଆଇସିୟୁ ଗୃହ ବିଶୁଦ୍ଧିକରଣ କରାଯାଉଛି। ଏହାଛଡ଼ା ଏହା ପରିସରରେ କିଛି ନବୀକରଣ କାର୍ଯ୍ୟ ଚାଲିଛି। ଯେଉଁଥିପାଇଁ ୫ ଦିନ ହେବ ଆଇସିୟୁ ଗୃହ ବନ୍ଦ କରି ରଖାଯାଇଛି ବୋଲି ଅଭିଯୋଗ ଉଠିଛି। ଏହାକୁ ନେଇ ରୋଗୀମାନେ ଅନେକ ହଇରାଣ ହରକତ ହେଉଛନ୍ତି ବୋଲି କିଛି ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ତେବେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ ଏ ବାବଦରେ କୁହନ୍ତି ଯେ, ଏ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି। ରୋଗୀ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉନାହିଁ। ଏହାଛଡା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ଜଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଲିନାକ କୋଠାରେ ରହିଛି ୨୦ଶଯ୍ୟା ବିଶିଷ୍ଟ ଆଇସିୟୁ ଗୃହ। ଫ୍ୟୁମିଗେସନ ଅର୍ଥାତ୍ ବିଶୁଦ୍ଧିକରଣ ପ୍ରକ୍ରିୟା ଚାଲିଥିବା ହେତୁ ଏହା ବନ୍ଦ ରହିଛି।







ଆଜି ଉତ୍କଳ ଦିବସ: ସଜେଇ ହୋଇଛି, ମହାନଗର ନିଗମ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ପଢ଼ିହାରୀ ପାଠାଗାର



# ପଦ୍ମିନୀ କେୟାର୍‌ରେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ

**କଟକ,୩୧।୩(ସମିସ)**

ପଦ୍ମିନୀ କେୟାର ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲ ଭେଷଜ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟରତ ଷ୍ଟାଫ ନର୍ସମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରୋଗୀ ଚିକିତ୍ସା କ୍ଷେତ୍ରରେ ଏଭଳି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମ ଅଧିକ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ଏଥିରେ ଅଂଶ ଗ୍ରହଣ କରିଥିବା ଡାକ୍ତର ଓ ନର୍ସଙ୍କୁ ବଧାଇ ଜଣାଇଥିଲେ। ଭେଷଜ ବିଭାଗର ସହକାରୀ ପ୍ରଫେସର ଡା. ଦୀପକ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆକସ୍ମିକ ଦୁର୍ଘଟଣା ଓ ହୃଦ୍‌ରୋଗ ସମ୍ବନ୍ଧୀୟ ଜରୁରୀ ଚିକିତ୍ସା ବେଳେ ଅନୁସୃତ ପଦ୍ଧତି ଓ ଜୀବନ ରକ୍ଷାକାରୀ ଉପଚାର ସଂପର୍କରେ ବୁଝାଇବା ସହିତ ଉତ୍ସର୍ଗୀକୃତ ସେବା ଦ୍ୱାରା ରୋଗୀ ମୁହଁରେ ହସ ଫୁଟାଇବାକୁ ନର୍ସମାନଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ପ୍ରଫେସର ଡା. ଅଶୋକ ପଣ୍ଡା, ଡା. ଆଶାରାମ ପଣ୍ଡା, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ, ଡା. ଆଦିସ୍ କୁମାର ପଣ୍ଡା. ଡା. ରାଜେନ୍ଦ୍ର କୁମାର ବାରିକ, ଡା. କୌଶିକ୍ ସାହୁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଂଯୋଜକ ସହକାରୀ ପ୍ରଫେସର ଡା. ସ୍ୱାଇଁ ପ୍ରଶ୍ନୋତ୍ତର ମାଧ୍ୟମରେ ଡାକ୍ତରୀ ଶିକ୍ଷା ସମ୍ବନ୍ଧୀୟ ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ। ଭେଷଜ ବିଭାଗର ଭାରପ୍ରାପ୍ତ ନର୍ସ ପ୍ରିୟଦର୍ଶିନୀ ସ୍ୱାଇଁ, ଶୁଭେନ୍ଦୁ ସିଂଙ୍କ ସମେତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅସହ୍ୟ ଖରା; ଅଚଳ ପାନୀୟଜଳ କେନ୍ଦ୍ର

**କଟକ,୩୧।୩(ସମିସ)**

ଦିନକୁ ଦିନ ଖରାର କୋପ ବଢୁଛି। ରବିବାର କଟକରେ ସର୍ବାଧିକ ତାପମାତ୍ରା ଥିଲା ୩୫ଡିଗ୍ରୀ ସେଲସିୟସ। ଶନିବାର ଏହା ଠାରୁ ଅଧିକ ତାତି କଟକରେ ପରିଲକ୍ଷିତ ହୋଇଛି। ଆଗାମୀ ଦିନରେ ପାରଦ ଆହୁରି ବଢ଼ିପାରେ। ଗ୍ରୀଷ୍ମ ପ୍ରବାହକୁ ନେଇ ପାଣିପାଗ ବିଭାଗ ସତର୍କ ସୂଚନା ପ୍ରଦାନ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ନିଘା ନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ପାନୀୟ ଜଳ କେନ୍ଦ୍ର ଗୁଡିକ ଅଚଳ ହୋଇ ପଡ଼ିଛି। ଅସହ୍ୟ ଖରା ଓ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରୁଥିଲେ ସୁଦ୍ଧା କଟକ ମହାନଗର ନିଗମ ପକ୍ଷରୁ ମଧ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲିନାହିଁ।











# ଅବସରକାଳୀନ ସମ୍ବର୍ଦ୍ଧନା




ଚୌଦ୍ୱାର, ୩୧।୩(ସମିସ): ଚୌଦ୍ୱାର ପୌରପାଳିକା ୧୨ନମ୍ବର ୱାର୍ଡସ୍ଥିତ କେଦାରେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକଲତା ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କାଉନସିଲର ସୁବ୍ରତ ସାମଲ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଢ଼ୀଙ୍କ ଛାତ୍ର ବତ୍ସଳତା ଓ ବିଦ୍ୟାଳୟର ବିକାଶ ଦିଗରେ ତାଙ୍କର ଅବଦାନ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରୀମତୀ ପାଢ଼ୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଏଚ୍‌ଆଇଭି ଓ ଏଡ୍‌ସ ଚିହ୍ନଟ କେନ୍ଦ୍ର ପୁନଃସ୍ଥାପନ ଦାବି

ବାଙ୍କୀ, ୩୧।୩(ସମିସ):




ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ୨୦୦୬ ମସିହା ସେପ୍ଟେମ୍ବର ମାସରେ ଏଚ୍‌ଆଇଭି, ଏଡ୍‌ସ୍ ରୋଗର ପରାମର୍ଶ ଓ ଚିହ୍ନଟ ପାଇଁ ଆଇସିଟିସି କେନ୍ଦ୍ର ଖୋଲାଯାଇଥିଲା। ଆଇସିଟିସି ଦ୍ୱାରା ବାଙ୍କୀ ଉପଖଣ୍ଡ ଅଧୀନରେ ଥିବା ୨ଟି ବ୍ଲକ ଓ ବାଙ୍କୀ ଏନ୍‌ଏସିର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ରୋଗ ନିରୂପଣ କରାଯାଉଥିଲା। କିନ୍ତୁ ଦୁଃଖର ବିଷୟ ଓସାକ୍ସ କର୍ତ୍ତୃପକ୍ଷ କିଛିଦିନ ପୂର୍ବରୁ କେନ୍ଦ୍ରକୁ ଆଇସିଟିସିକୁ ସମ୍ପୂର୍ଣ୍ଣ ଉଠାଇ ନେଇଛନ୍ତି। କଟକ ଜିଲ୍ଲାର ସାଲେପୁର, ମାହାଙ୍ଗା, ବଡ଼ମ୍ବା ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିଟିସି ଥିବା ବେଳେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରୁ ଉଠାଇ ନେବା କେତେ ଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠିଛି। ଏବେ ଏଚ୍‌ଆଇଭି ପଜିଟିଭ୍ ରିପୋର୍ଟ ପାଇଁ କଟକ ବଡମେଡିକାଲ୍ ଉପରେ ବାଙ୍କୀର ଜନସାଧାରଣ ନିର୍ଭର କରିବାକୁ ପଡୁଛି। ଅତୀତରେ ସବୁ ବ୍ଲକରେ ପଞ୍ଚାୟତରାଜ ସଭ୍ୟମାନଙ୍କ ମଧ୍ୟରେ ଏଚ୍‌ଆଇଭି ଓ ଏଡ୍‌ସ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିବାବେଳେ ବର୍ତ୍ତମାନ ବାଙ୍କୀ ଉପଖଣ୍ଡରେ ଏଥିପାଇଁ କୌଣସି କର୍ମଶାଳା ଅନୁଷ୍ଠିତ ହେଉନାହିଁ। ଏବେ ଏଠାରେ ଏହି ରୋଗ ସମ୍ପର୍କରେ ସଚେତନତାର ଅଭାବ ରହିଛି। ତେଣୁ ବାଙ୍କୀରେ ଆଇଟିସି ପୁନଃ ସ୍ଥାପନ ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟବିଭାଗ ତୁରନ୍ତ ଦୃଷ୍ଟି ଦେଲେ ଏହି ରୋଗୀମାନେ ଉପକୃତ ହୋଇପାରିବେ। ଅନୁସନ୍ଧାନରୁ ଜଣାଯାଏ ବର୍ତ୍ତମାନ ବାଙ୍କୀ ଉପଖଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ଏହିଭଳି ରୋଗୀ ଅଛନ୍ତି। ସେମାନଙ୍କୁ ସଚେତନତା ଓ ପରାମର୍ଶର ନିତ୍ୟାନ୍ତ ଆବଶ୍ୟକତା ରହିଛି।

## କଦଳୀବାଡ଼ିରେ ବିଜୁ ଛାତ୍ର ଜନତା ଦଳ ସମାବେଶ



ବାଙ୍କୀ, ୩୧। ୩ (ସମିସ): ବାଙ୍କୀ ବ୍ଲକ କଦଳୀବାଡ଼ି ପଞ୍ଚାୟତ ବିଜୁଛାତ୍ର ଜନତାଦଳ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ବିଧାୟକ ତଥା ରାଜ୍ୟ ଛାତ୍ର ଜନତାଦଳ ସଭାପତି ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଶ୍ରୀ ତ୍ରିପାଠୀ ସମ୍ବର୍ଦ୍ଧିତ କରିବା ସହିତ ଆଗାମୀ ନିର୍ବାଚନ ରଣାଙ୍ଗନାରେ କିପରି ବିପୁଳ ସମର୍ଥନ ସହିତ ଭୋଟ ହାର ବୃଦ୍ଧି ପାଇବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କଦଳୀବାଡ଼ି ପଞ୍ଚାୟତର ବିଜୁଛାତ୍ର ସଭାପତି ପ୍ରଦୀପ୍ତ ଜେନା, ବିଜୁ ଛାତ୍ର ଜନତାଦଳ କଟକ ଜିଲ୍ଲା ଡିଜିଟାଲ୍ ସମ୍ପାଦକ ଓମ୍ ପ୍ରକାଶ ବେହେରା, କଟକ ଜିଲ୍ଲା ଉପସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁ, ବିଜୁ ଛାତ୍ର ଜନତାଦଳ ଓଡ଼ିଶା ଶାଖା ସାଧାରଣ ସମ୍ପାଦକ ସମ୍ବିତ୍ ବେହେରା, ଛାତ୍ରନେତା ଶୋଭନ ମହାନ୍ତିଙ୍କ ସମେତ ପଞ୍ଚାୟତର ସମସ୍ତ ବିଜୁ ଛାତ୍ର ଜନତାଦଳର କର୍ମୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

ଚୌଦ୍ୱାର, ୩୧।୩(ସମିସ): ଚୌଦ୍ୱାର ଥାନା ମହିସାଲଣ୍ଡା ଗ୍ରାମ ନିକଟରୁ ଏକ ଗୋରୁ ବୋଝେଇ ଗାଡ଼ିକୁ ପୁଲିସ ଜବତ କରିବା ସହିତ ଗୋରୁ ଚାଲାଣ କରୁଥିବା ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଗତପୁରର ସଦମା ଖାନ୍ ଓ ମିର୍ଜା ସବ୍ବିର। ପୁଲିସ ସୂଚନା ଅନୁଯାୟୀ ବେଆଇନ ଗୋରୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଚୌଦ୍ୱାର ଥାନାର ଏକ ଟିମ୍ ମହିସାଲଣ୍ଡା ରାସ୍ତାରେ ଜଗି ରହିଥିଲେ। ସେହି ବାଟେ ଗୋରୁ ବୋଝେଇ କରି ଯାଉଥିବା ଏକ ଟାଟା ଏସିଇ ଗାଡ଼ିକୁ ଅଟକାଇ ସେଥିରୁ ୫ଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ। ଉଦ୍ଧାର କରାଯାଇଥିବା ଗୋରୁଗୁଡ଼ିକୁ ମଙ୍ଗରାଜପୁରସ୍ଥିତ ନନ୍ଦଗାଁ ଗୋଶାଳାରେ ଛାଡ଼ିଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ହୋଲି ଖେଳକୁ ନେଇ ଗଣ୍ଡଗୋଳ

ଆଠଗଡ଼, ୩୧।୩(ସମିସ): ଆଠଗଡ଼ ଥାନା କନ୍ଦରପୁର ଗ୍ରାମରେ ଶୁକ୍ରବାର ଚାରି ଦୋଳ ଯାତ୍ରା ଅନୁଷ୍ଠିତ ହେବା ସହ ଶନିବାର ହୋଲି ଉତ୍ସବ ହୋଇଥିଲା। ଶନିବାର ଗ୍ରାମର ଟାଙ୍ଗିସାହିର ଯୁବକ ମାନେ ହୋଲି ଖେଳରେ ସାମିଲ ହୋଇ ଏକ ଶୋଭାଯାତ୍ରାରେ ଯାଉଥିବା ସମୟରେ ବ୍ରଜମୋହନ ମନ୍ଦିର ନିକଟରେ ଅପର ପକ୍ଷରୁ ଗ୍ରାମର କଲୋନୀ ସାହିର ଯୁବକମାନେ ସାଉଣ୍ଡ ବଜାଇ ଶୋଭାଯାତ୍ରା ରେ ଆସୁଥିଲେ। ସେଠାରେ କିଏ ଆଗକୁ, କିଏ ପଛକୁ ଯିବ ବୋଲି ପରସ୍ପରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ହଠାତ କଲୋନୀ ସାହିର କିଛି ଯୁବକ ଟାଙ୍ଗିସାହିର ପ୍ରଦୀପ କୁମାର ସାହୁଙ୍କୁ ମୁଣ୍ଡକୁ ବାଡ଼ିରେ ଆଘାତ କରିଥିଲେ। ପ୍ରଦୀପ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ବୁଝାସୁଝା କରିବା ପରେ କଲୋନୀ ସାହିର ଲୋକମାନେ ଯାଇଥିଲେ। ଟାଙ୍ଗିସାହିର ଯୁବକ ମାନେ ହୋଲି ଖେଳି ଅଳ୍ପ ସମୟ ପରେ ଟାଙ୍ଗିସାହିକୁ ଫେରିଥିଲେ। ହଠାତ ଏହି ସମୟରେ ଟାଙ୍ଗିସାହିର ଲୋକମାନେ ସଂଘବଦ୍ଧ ହୋଇ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ପ୍ରଦୀପ ସାହୁ ଓ ରମାକାନ୍ତ ରଣା ଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଆକ୍ରମଣ କରିଥିଲେ। ଏପରିକି ପ୍ରଦୀପ ସାହୁଙ୍କ ସପ୍ଲାଇ ଜିନିଷ ଓ ଏଲ୍‌ଇଡି ଲାଇଟ୍ ଭଙ୍ଗାରୁଜା କରିଥିଲେ। ଟାଙ୍ଗିସାହିର ଲୋକମାନେ ପହଞ୍ଚିବାରେ ସେମାନେ ସେଠାରୁ ପଳାଇ ଯାଇଥିଲେ। ଏହା ପୂର୍ବରୁ ମଧ୍ୟ କଲୋନୀ ସାହିର ଲୋକମାନେ ଦୁଇ ତିନି ଥର ଏଭଳି ଘଟଣା ଘଟାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଘଟଣା ସମ୍ପର୍କରେ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ବାଙ୍କୀ କଲେଜର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ବାଙ୍କୀ, ୩୧।୩ (ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ଏବଂ ପ୍ରଶାସନିକ ଅଧିକାରୀ ଡକ୍ଟର ନିରଞ୍ଜନ ମହାନ୍ତି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଦାୟିତ୍ୱ ନେବା ବେଳେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଡକ୍ଟର ନିରଞ୍ଜନ ରାଉତରାୟ, ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମିଶ୍ର, ଡକ୍ଟର ନିବାସିନୀ ପଣ୍ଡା, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ସହକାରୀ ପରୀକ୍ଷା ନିୟନ୍ତ୍ରକ ବୃନ୍ଦାବନ ପ୍ରଧାନ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ସାହୁ, ପୂର୍ବତନ +୨ ଅଧ୍ୟକ୍ଷ ରାଜକିଶୋର ପାଲ୍, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ, ନଳିନୀକାନ୍ତ ମହାପାତ୍ର, ନକୁଳ ବେହେରା, ଅନନ୍ତ ମହାପାତ୍ର, କ୍ଷେତ୍ରବାସୀ ଦେବତା, କୁମୁଦରଞ୍ଜନ ମହାରଣା ପ୍ରମୁଖ ବହୁ ଅଧ୍ୟାପକ ଓ କର୍ମଚାରୀଗଣ ଯୋଗଦାନ କରି ନୂତନ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂତନ ଅଧ୍ୟକ୍ଷ ଡକ୍ଟର ମହାନ୍ତି ଜଣେ ଛାତ୍ରବତ୍ସଳ ଓ ବନ୍ଧୁବତ୍ସଳ ଅଧ୍ୟାପକ ଭାବେ ତାଙ୍କର ସୁନାମ ରହିଛି। ଏହି ଅବସରରେ ଡକ୍ଟର ମହାନ୍ତିଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।



## ବିଦାୟକାଳୀନ ସମ୍ବର୍ଦ୍ଧନା



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ବରିଷ୍ଠ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ ସଭାପତିତ୍ୱ କରି ବିଭାଗୀୟ ମୁଖ୍ୟ ଶ୍ରୀ ମହାପାତ୍ରଙ୍କ ଗୁଣଗାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଡକ୍ଟର ଶଶିଭୂଷଣ ମହାପାତ୍ର ଓ କୁମୁଦରଞ୍ଜନ ମହାରଣା ପ୍ରମୁଖ ଯୋଗଦାନ କରି ବିଭାଗୀୟ ମୁଖ୍ୟଙ୍କ ବିଭାଗ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟଙ୍କୁ ମାନପତ୍ର, ଉପଢୌକନ, ପୁରସ୍କାର ଓ ଫୁଲଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ପାଠଚକ୍ର ସମ୍ପାଦକ ଇଫ୍ରାନ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ହଂସଦିଆ ଆଖଣ୍ଡଳମଣି ଦୋଳ ମେଳଣ ଉଦ୍‌ଯାପିତ

ମାହାଙ୍ଗା, ୩୧।୩(ସମିସ): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ହଂସଦିଆ ଆଖଣ୍ଡଳମଣି ମନ୍ଦିର ପରିସରରେ ହଂସଦିଆ ପଞ୍ଚୁଦୋଳ ମେଳଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଥାନପତି ଭାବେ ପ୍ରଭୁ ଗୋପୀନାଥଜିଉ ଦୋଳ ବିମାନ ବାଜା, ବାଣ, ସଂକୀର୍ତ୍ତନ ଓ ରୋଷଣି ସହ ମେଳଣ ପଡ଼ିଆକୁ ବିରାଜମାନ କରିବା ପରେ ଅନ୍ୟ ଦୋଳ ବିମାନ ପଡ଼ିଆରେ ବିରାଜମାନ କରିଥିଲେ। ବରିଷ୍ଠ ପୂଜକଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାରାୟଣ କର, ପ୍ରଶାନ୍ତ କର, ଶ୍ୟାମସୁନ୍ଦର ବାରିକ, ପଞ୍ଚାନନ ପଣ୍ଡା, ଅଶୋକ ଦାଶ, ବୀରକିଶୋର ଲେଙ୍କା, ସଞ୍ଜୀବ ପଣ୍ଡା, ବିଷ୍ଣୁ ମଳିକ, ବାଉରୀବନ୍ଧୁ ମଳିକ, ଦିଲ୍ଲୀପ ପାଢ଼ୀ, ପ୍ରଦ୍ୟୁମ୍ନ କର, ବସନ୍ତ ରାଉତ, ଦୀପକ ପୃଷ୍ଟି, ମହେଶ୍ୱର ମହାପାତ୍ର, ଜୟଦେବ ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ, ରାମଚନ୍ଦ୍ର କର, ଜୟନ୍ତ କୁମାର ପଣ୍ଡା, ଅଜୟ ମହାପାତ୍ର, ଦିଲ୍ଲୀପ ମହାପାତ୍ର, ସୋମନାଥ ସାମଲ, ପ୍ରବୀଣ ପଣ୍ଡା, ଗୌରାଙ୍ଗ ଜେନା, ଭରତ କରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ପ୍ରଭାତ ବାରିକ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ମାହାଙ୍ଗା, ୩୧।୩ (ସମିସ): ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପରିଡ଼ାପାଟଣା ଗ୍ରାମ ତଥା କୁଆଁପାଳ ବଜାର କମିଟି ଉପସଭାପତି ପ୍ରଭାତ କୁମାର ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଭାତ ବାରିକ ସ୍ମୃତି କମିଟି ପକ୍ଷରୁ କୁଆଁପାଳଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଆଲୋକ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଶ୍ରୀକୃଷ୍ଣପୁର ସରପଞ୍ଚ ରାଜକିଶୋର ବଳ, ଜଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଜେନା, ଉପଦେଷ୍ଟା ତଥା ସମାଜସେବୀ ଯାଦବ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଅଭୟ ଚରଣ ପଣ୍ଡା, ଆଇନଜୀବୀ ଦୀପକ କୁମାର ମହାନ୍ତି, ସଭାପତି ଜନ୍ମେଜୟ ବଳ, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ହରେକୃଷ୍ଣ ସାହୁ, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଉତ୍ସବ ପରିଡ଼ା, ରମେଶ ପ୍ରଧାନ, ଅନୀଲ ପାଣି, ଭାନୁଚରଣ ପରିଡ଼ା, ଦିଲ୍ଲୀପ ମହାପାତ୍ର, ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ ଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂର୍ଯ୍ୟକାନ୍ତ ବାରିକ, ରମାକାନ୍ତ ବାରିକ, ଜୟନ୍ତ ବାରିକ, ଦୀପକ ପରିଡ଼ା, ବିକ୍ରମ ମହାନ୍ତି, ଧନେଶ୍ୱର ସ୍ୱାଇଁ, ମନୋରଞ୍ଜନ ବଳ, ଆଶିଷ ପରିଡ଼ା, ବିଜୟ ପରିଡ଼ା, ଲୋକନାଥ ବଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱନାମଧନ୍ୟ ଧାରାବାହିକ ନିର୍ମାତା ଓ କଳାକାରଙ୍କୁ ସମ୍ବର୍ଦ୍ଧନା

ସାଲେପୁର, ୩୧।୩(ସମିସ):




ଉତ୍କଳ ଦିବସ ସମାରୋହ ଓ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ଧାରାବାହିକ 'ମାୟା ଓ ମମତା'ର କଳାକାରମାନେ ସାଲେପୁର ମଧୁମଞ୍ଚରେ ଉପସ୍ଥିତ ହୋଇ ସମବେତ ଜନତାଙ୍କୁ ସଙ୍ଗୀତର ତାଳେ ତାଳେ ତାଙ୍କର ନୃତ୍ୟ ଓ ଗୀତ ପରିବେଷଣ କରି ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, ସହ-ପ୍ରଯୋଜକଙ୍କ ସମେତ ଏହି ଧାରାବାହିକରେ ଅଭିନୟ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ମାନପତ୍ର, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଯୁବକଂଗ୍ରେସର ସାଧାରଣ ସମ୍ପାଦକ ଇଂ. ଆକ୍ୟୁବ୍ ଖାଁ ମୁଖ୍ୟଅତିଥି ରୂପେ ଯୋଗଦେଇ ସାଲେପୁର ମାଟିରେ ଏଭଳି କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକାଠି କରିପାରିଛି ବୋଲି କହିବା ସହ ଏହା ଆମ ସଂସ୍କୃତିର ସୁରକ୍ଷା ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିଛି। ସେହିପରି ଅନ୍ୟତମ ଯୁବନେତା ବିଶିଷ୍ଟ ସମାଜସେବୀ ଇଂ.ସିଦ୍ଧାନ୍ତ ସ୍ୱରୂପ ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉତ୍କଳ ଦିବସର ଐତିହ୍ୟ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ସେହିପରି ମୁଖ୍ୟବକ୍ତା ରୂପେ କୃଷକ ସମ୍ବାଦ ଓ ସର୍ବଶକ୍ତି ପତ୍ରିକାର ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା ଯୋଗଦେଇ ସାଲେପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ରୂପେ ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ କୁମାର ଦାଶ ଯୋଗଦେଇ ପ୍ରଶଂଶା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଏହି କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହୃଷିକେଶ ମଲ୍ଲିକ, ସହ ସମ୍ପାଦକ ପ୍ରଦୀପ ପରିଜା, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ଅରବିନ୍ଦ ଭୂୟାଁ, ହେମନ୍ତ ଭୂୟାଁ, ସୁଜିତ୍ କୁମାର ଭୂୟାଁ, ଶିଶିର କୁମାର ଦାଶ, ଅନନ୍ତ ଚରଣ ଦାଶ, ପ୍ରତାପ ଭୂୟାଁ, ପ୍ରଦୀପ୍ତ କର, ବିରଞ୍ଚିନାରାୟଣ କର, ନାରାୟଣ ଭୂୟାଁ, ବିଭୂତିଭୂଷଣ କର, ଚିତ୍ତରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, ଅଜୟ କୁମାର ସାହୁ, ତାରାକାନ୍ତ ନାୟକ, କମଳାକାନ୍ତ ଦାସଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିଲେ।

# କଳସ ଶୋଭାଯାତ୍ରାରେ ସାମିଲ୍ ହେଲେ ଶତାଧିକ ଶ୍ରଦ୍ଧାଳୁ



ମାହାଙ୍ଗା, ୩୧।୩(ସମିସ): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଗୋପାଳପୁର ଆଖଣ୍ଡଳମଣିଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ବ୍ରାହ୍ମଣ ସାହି ଗଣେଶ ଘାଟ ବିରୂପା ନଦୀରୁ ଜଳ ବରଣୀ କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏଥିରେ କର୍ତ୍ତା ଭାବେ କ୍ଷୀରୋଦ ଦାସ, କର୍ତ୍ତୀ ଭାବେ ଦୀପାଞ୍ଜଳି ଦାସ ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ବ୍ରଜ କିଶୋର ଶତପଥୀ ଓ ତାଙ୍କ ସାଥୀମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଗୋପାଳପୁର ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶ୍ରୀରାମ ଚରିତ ମାନସ ଓ ପାରାୟଣ

**ନିଶ୍ଚିନ୍ତକୋଇଲି, ୩୧।୩(ସମିସ):** ନିଶ୍ଚିନ୍ତକୋଇଲିସ୍ଥିତ ଶ୍ରୀଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ୩୭ତମ ବାର୍ଷିକ ସାମ୍ବତ୍ସରିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ମହାବୀରଜିଉଙ୍କ ନିକଟରେ ପୂଜାର୍ଚ୍ଚନା ହେବା ପରେ ମଙ୍ଗଳ ଆଳତୀ, ଗୋପୂଜା, ସୂର୍ଯ୍ୟପୂଜା ଓ ହୋମ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜକ ଦୋଳଗୋବିନ୍ଦ



ପଣ୍ଡା ଓ ରୂପକ ହୋତାଙ୍କ ଦ୍ୱାରା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଆଇନଜୀବୀ ଅଶୋକ ମହାପାତ୍ର ଏବଂ ତାଙ୍କ ପତ୍ନୀ ମୋନାଲିନ ମହାପାତ୍ର କାର୍ଯ୍ୟ ତୁଲାଉଛନ୍ତି। ପରିଷଦର ସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ପରିଜା ଓ କୋଷାଧ୍ୟକ୍ଷ ଶଙ୍କରଲାଲ ଚଣ୍ଡାକଙ୍କ ତତ୍ତ୍ୱାବଧାନରେ ମାନସ କାର୍ଯ୍ୟକ୍ରମ ଚାଲୁଛି। ଆସନ୍ତା ୮ ତାରିଖରେ ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ପ୍ରବଚକ ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ରାମକଥା ମନ୍ଦାକିନୀ ଚିତ୍ରକୂଟ ଚିଉଚାରୁ ଶୀର୍ଷକ ପ୍ରବଚନ ପରିବେଷଣ ହୋଇଥିଲା। ଉପସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ସହସମ୍ପାଦକ ହରେକୃଷ୍ଣ ରାଉତ, ସଭ୍ୟ ମାଧବାନନ୍ଦ ମହାପାତ୍ର, ବିଶ୍ୱଜିତ୍ ରାଉତ, ଗଗନବିହାରୀ ଦାସଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ବ୍ୟବସାୟୀ ସଂଘ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

## ଶ୍ରୀରାମ ନବମୀ ଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

**ନିଶ୍ଚିନ୍ତକୋଇଲି, ୩୧।୩(ସମିସ):** ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ରଘୁନାଥଜିଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠାନରେ ସମ୍ପୃକ୍ତ ଥିବା ଦିବଂଗତ ସଭ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଯାତ୍ରା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ, ବିଶିଷ୍ଟ ପ୍ରବଚକ ସନ୍ଥ ବିଭୂତି ମହାରାଜଙ୍କ ସମେତ ଟ୍ରଷ୍ଟ ବୋର୍ଡ ଓ ଯାତ୍ରା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ହୋଇ ଆସନ୍ତା ଯାତ୍ରାରେ ଭକ୍ତମାନଙ୍କ ପାଇଁ କିଭଳି ସୁବିଧା ସୁଯୋଗ କରାଯିବ ଏବଂ ଶ୍ରୀରଘୁନାଥଜିଉଙ୍କର ଦର୍ଶନ ଓ ନୈବେଦ୍ୟ ଅର୍ପଣର ଶୃଙ୍ଖଳିତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ପରେ ଦ୍ୱିତୀୟ ଓ ତୃତୀୟ ବୈଠକରେ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ଜଣାଯାଇଛି। ଯାତ୍ରା କମିଟି ସଭ୍ୟ ପୁରୁଷୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ମାହାଙ୍ଗାରେ ଅଂଶୁମାନ ମହାନ୍ତିଙ୍କ ପ୍ରଚାର





**ପ୍ରତାପ ଜେନାଙ୍କ ନେତୃତ୍ୱରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା**

**ନିଶ୍ଚିନ୍ତକୋଇଲି, ୩୧।୩(ସମିସ)**

କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀର ନୂତନ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ତାଙ୍କର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ୫ହଜାରରୁ ଉର୍ଦ୍ଧ୍ୱ କର୍ମୀ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ପ୍ରଥମେ କୁଳିଆସ୍ଥିତ ରଘୁନାଥଜିଉ ମନ୍ଦିର, ବ୍ଲକ ଛକସ୍ଥିତ ବାବାସାହେବ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ନିଶ୍ଚିନ୍ତକୋଇଲି ବଜାରସ୍ଥିତ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ହଜାର ହଜାର ସଂଖ୍ୟାରେ ବିଜେଡି ନେତୃବୃନ୍ଦ, ମହିଳା, ବିଜେଡି କର୍ମୀ ଓ ସାଧାରଣ ଲୋକେ ଏଥିରେ ଯୋଗ ଦେଇଥିଲେ। ପ୍ରାର୍ଥିତ୍ୱ ଘୋଷଣା ପରେ ଶ୍ରୀ ମହାନ୍ତି ରବିବାର ଅପରାହ୍ଣରେ କୁଳିଆ ଶ୍ରୀରଘୁନାଥଜିଉ ଓ ମହାବୀରଙ୍କୁ ଦର୍ଶନ କରି ତାଙ୍କର ପ୍ରଥମ ପ୍ରଚାର ଆରମ୍ଭ କରିଥିଲେ। ସ୍ୱର୍ଗତ ବିଜୁ ବାବୁଙ୍କ ପରିକଳ୍ପନା ସ୍ୱପ୍ନର ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ବାସ୍ତବ ରୂପ ଦେଉଛନ୍ତି ସେଥିରେ ଅଂଶୁମାନ ନିଜେ ସମ୍ପୃକ୍ତ ହୋଇ ଗୁଣ୍ଡୁଚି ମୂଷା ଭଳି ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କର ସୁଖ ଦୁଃଖର ସାଥୀ ହେବା ସହିତ ପ୍ରଗତି ପଥରେ ଆଗେଇ ନେବେ ବୋଲି ଉପସ୍ଥିତ ଜନତାଙ୍କୁ ଶ୍ରୀ ମହାନ୍ତି କହିଛନ୍ତି। ମାହାଙ୍ଗା ବିଧାୟକ ଶ୍ରୀ ଜେନା ତାଙ୍କ ନିର୍ବାଚନ ମଣ୍ଡଳୀରୁ ବିଧାୟକ ତଥା ସାଂସଦ ପ୍ରାର୍ଥୀଙ୍କୁ ସର୍ବାଧିକ ବ୍ୟବଧାନରେ ବିଜୟ ଲାଭ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଜେଡି କୃଷକ ସଂଗଠନ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗିରିଶରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରେଖାରାଣୀ ସାମନ୍ତରାୟ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ବିପ୍ଲବ କାପ, ଭୂପତିଭୂଷଣ ଷଣ୍ଢ, ଜୋନ୍ ସଭାପତି ଜୟଦେବ ରାଉତ, ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ଯୁବନେତା ଅରୁଣ ସାମନ୍ତରାୟଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ବିଜେଡି ପଞ୍ଚାୟତ ସଭାପତି ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପିରୁ ପ୍ରକାଶଙ୍କ ଇସ୍ତଫା ପରେ ଆଶାଆଶଙ୍କାରେ ଟାଙ୍ଗୀ-ସାଲେପୁର କର୍ମୀ


ପ୍ରଶାନ୍ତ ବେହେରା


ପ୍ରକାଶ ଚନ୍ଦ୍ର ବେହେରା


ହିମାଂଶୁ କୁମାର ମହାନ୍ତି


ବାପୁପ୍ରିୟ ରଘୁପତି ରାମ

**ଟାଙ୍ଗୀ, ୩୧।୩(ସମିସ):** ସାଲେପୁରର ପ୍ରାକ୍ତନ ବିଧାୟକ ତଥା କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ବିଜେପିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବାପରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାଣିପାଗ ସମ୍ପୂର୍ଣ୍ଣ ବଦଳି ଯାଇଛି। ପ୍ରକାଶ ବିଜେଡିରେ ଯୋଗଦାନ କରି ସାଲେପୁର ଟିକଟ ହାତେଇବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ପ୍ରଶାନ୍ତଙ୍କ ଟିକଟ୍ କାଏମ୍ ରହିବ ବୋଲି ବିଜେଡି ମହଲରେ ଆଲୋଚନା ଜାରି ରହିଛି। ନାମ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଥିଲେ ହେଁ କାହାରି ମନରେ ସେତେଟା ଉତ୍ସାହ ପରିଲକ୍ଷିତ ହେଉନାହିଁ। ୨୦୧୯ ନିର୍ବାଚନରେ ପ୍ରାୟ ୩୨ ହଜାର ଭୋଟରେ ପ୍ରକାଶଙ୍କୁ ପରାସ୍ତ କରିଥିବା ପ୍ରଶାନ୍ତ ବିଗତ ୫ ବର୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିଥିବାରୁ ତାଙ୍କ ସମର୍ଥକମାନେ ଟିକେଟ୍ ପାଇଁ ଦୃଢ଼ନିଶ୍ଚିତ ଥିବା କହିଛନ୍ତି।

ସେହିପରି ୨୦୧୪ ନିର୍ବାଚନରେ କଂଗ୍ରେସ ଟିକଟରେ ବିଧାୟକ ହୋଇଥିବା ପ୍ରକାଶ ୨୦୧୯ରେ ବିଜେପି ଟିକଟରେ ନିର୍ବାଚନ ଲଢ଼ି ପରାଜିତ ହେବାପରେ ୨୦୨୪ରେ ବିଜେପି ଛାଡ଼ିବା ତାଙ୍କ କର୍ମୀ ସମର୍ଥକଙ୍କୁ ଅଙ୍କଳରେ ପକାଇଛି। କଟକ ଭଳି ଜିଲ୍ଲାର ସଭାପତି ରହିଥିବା ଶ୍ରୀ ବେହେରାଙ୍କ ଇସ୍ତଫା ତାଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରଶ୍ନଚିହ୍ନ ଲଗାଇଥିବାରୁ ସାଲେପୁର ଟିକଟ୍ ହାତେଇବା ଏତେଟା ସହଜ ନୁହେଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଫଳରେ ପ୍ରକାଶଙ୍କ ଦୃଢ଼ ସମର୍ଥକ ବୋଲାଉଥିବା କର୍ମୀଙ୍କ ମନରେ ଆଶା ଓ ଆଶଙ୍କା ବଢ଼ିବାରେ ଲାଗିଛି। ସେହିପରି ବିଜେଡିରୁ ହିମାଂଶୁ ମହାନ୍ତି ମଧ୍ୟ ଟିକଟ ପାଇବା ପାଇଁ ଆଶାବାଦୀ ଅଛନ୍ତି। ବିଜେପିରୁ ପ୍ରକାଶଙ୍କ ଇସ୍ତଫା ପରେ ଟାଙ୍ଗୀ ଅଞ୍ଚଳରୁ କେତେକ ଆଶାୟୀ ଟିକଟ ଦୌଡ଼ରେ ଅଛନ୍ତି। ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମଙ୍କ ପୁତ୍ର ବାପୁପ୍ରିୟ ରଘୁପତି ରାମଙ୍କ ନାମ ଚର୍ଚ୍ଚାରେ ରହିଥିବା ସୂଚନା ମିଳିଛି।

## ଅସୁରେଶ୍ୱରରେ ପଞ୍ଚୁଦୋଳ ଓ ହୋଲି ଉତ୍ସବ

**ନିଶ୍ଚିନ୍ତକୋଇଲି, ୩୧।୩(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରଠାରେ ପଞ୍ଚୁଦୋଳ ଶେଷରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ନିଆରା ଢଙ୍ଗରେ ହୋଲି ପର୍ବ ପାଳିତ ହୋଇଛି। ସାରା ରାଜ୍ୟରେ ଗୋଟିଏ ଦିନରେ ହୋଲି ପର୍ବ ପାଳନ ହେଉଥିଲା ବେଳେ ଏଠାରେ କନ୍ଦ ଷଷ୍ଠୀ ତିଥିରେ ଦେଢ଼ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପାରମ୍ପରିକ ହୋଲି ପର୍ବ ପାଳନ କରାଯାଉଛି। ଏ ଅଞ୍ଚଳର ପ୍ରତ୍ୟେକ ପରିବାର ଭାଇଚାରା ଭାବକୁ ଅତୁଟ ରଖିବା ପାଇଁ ସକାଳରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଭିନ୍ନ ରାସାୟନିକ ବିହୀନ ରଙ୍ଗ ଦ୍ୱାରା ହୋଲି ଖେଳିଥାନ୍ତି। ହିନ୍ଦୁ ଓ ମୁସଲମାନ ଭାଇମାନେ ଏକାଠି ହୋଇ ଏହି ହୋଲି ପର୍ବକୁ ପାଳନ କରି ଆନନ୍ଦ ଉଲ୍ଲାସର ସହିତ ପଡ଼ୋଶୀ, ବନ୍ଧୁବାନ୍ଧବଙ୍କୁ ରଙ୍ଗ ବୋଳିଥିଲେ। ଦଧିବାମନଜିଉଙ୍କ ଗୁଣ୍ଡିଚା ମନ୍ଦିର ପାଖରେ ଅସୁରେଶ୍ୱର ଓ କୋଇଲୋ ଗ୍ରାମର ଯୁବକମାନଙ୍କ ଦ୍ୱାରା ପାରମ୍ପରିକ ଦହି ହାଣ୍ଡି ଭଙ୍ଗା ଯାଇଥିଲା। ଏହି ଉତ୍ସବରେ ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସରପଞ୍ଚ ଗୌତମୀ ଦାସ, ଯୁବନେତା ଅନନ୍ତ କୁମାର ଦାସ, ନିତ୍ୟାନନ୍ଦ ସେଠୀ, ଅନନ୍ତ କୁମାର ସିଂଙ୍କ ସମେତ ଶହ ଶହ ସଂଖ୍ୟାରେ ଯୁବକ ଯୋଗ ଦେଇଥିଲେ।



## ଆଠଗଡ଼ ପଞ୍ଚୁଦୋଳ ଓ ହୋଲି ଉତ୍ସବ

**ଆଠଗଡ଼, ୩୧।୩(ସମିସ)**

ଓଡ଼ିଶା ପ୍ରସିଦ୍ଧ ଆଠଗଡ଼ ପଞ୍ଚୁଦୋଳ ଉତ୍ସବ ପାଳିତ ହୋଇଯାଇଛି। ଚଳିତ ବର୍ଷ ୫୪ଟି ସୁସଜ୍ଜିତ ବିମାନ ଏହି ଦୋଳ ମେଳଣରେ ସାମିଲ ହୋଇଥିଲେ। ଆଠଗଡ଼ର ଆରାଧ୍ୟ ଠାକୁର ଶ୍ରୀଶ୍ରୀ ରାଧାଗୋବିନ୍ଦଜିଉଙ୍କ ନିମନ୍ତ୍ରଣକ୍ରମେ ଚଉଦକୋଶ ଆଠଗଡ଼ ଗଡ଼ଜାତର ଅଧିକାଂଶ ଗ୍ରାମର ଆରାଧ୍ୟ ଦେବତାଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ବିଜେ ହୋଇ ଝୁଲଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସମସ୍ତ ବିମାନକୁ ଶୋଭାଯାତ୍ରାରେ ନିଆଯାଇ ନଗର ପରିକ୍ରମା କରାଯାଇଥିଲା। ଆଠଗଡ଼ର ଶ୍ରୀଶ୍ରୀ ରାଧାଗୋବିନ୍ଦ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଭାପତି ଅଜୟ କୁମାର ଦାସଙ୍କ ନେତୃତ୍ୱରେ ଏହାର ବାର୍ଷିକ ଉତ୍ସବ ପାଳିତ ହେବା ସହିତ ୩୪ଟି ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଠଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ଆୟୋଜନ ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ୨ପ୍ଲାଟୁନ ପୁଲିସ ଫୋର୍ସ ସହିତ ଉପଖଣ୍ଡର ଅଧିକାଂଶ ପୁଲିସ ଅଧିକାରୀ ଏଥିରେ ନିୟୋଜିତ ହୋଇଛନ୍ତି। ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସହିତ ଅତିରିକ୍ତ ତହସିଲଦାର ଆଲୋକ କୁମାର ସ୍ୱାଇଁ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଆଇନ ଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିଲେ। ରାତିରେ ଠାକୁରମାନଙ୍କୁ ନଗର ପରିକ୍ରମା ସହିତ ଯଜ୍ଞ ନାରାୟଣ ମନ୍ଦିରଠାରେ ଭେଟ ଆଳତି ଓ ଭୋଗ ଲାଗି ହୋଇଥିଲା। ପରେ ଦୁର୍ଗା ବଜାରସ୍ଥିତ ଦୋଳ ମଣ୍ଡପଠାରେ ଚାରମାଳ ଉପରେ ବସି ଦୋଳ ଉତ୍ସବ ପାଳନ କରିଥିଲେ। ସକାଳୁ ପୁଣି ଥରେ ଯଜ୍ଞ ନାରାୟଣ ମନ୍ଦିରକୁ ଯାଇ ମେଲାଣି ବିଦାକି ସହିତ ଆଳତି ବନ୍ଦାପନା ପରେ ସ୍ୱସ୍ଥାନକୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଆଠଗଡ଼ ସହରର ୮ଟି ବଜାର କମିଟି ପକ୍ଷରୁ ମେଲୋଡି ଓ ରେକର୍ଡ ଡ୍ୟାନ୍ସ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସମସ୍ତ ଠାକୁରଙ୍କ ମେଲାଣି ବିଦାକି ପରେ ହୋଲି ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଥିଲା। ଆଠଗଡ଼ ଗଡ଼ଜାତ ପରମ୍ପରା ଅନୁସାରେ ଫଗୁ ଦଶମୀଠାରୁ ହୋଲି ଉତ୍ସବ ଆରମ୍ଭ ହୋଇ ବାରୁଣୀ ସ୍ନାନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ମାନଙ୍କରେ ପାଳିତ ହୋଇ ଆସୁଛି।



## ଗୁପ୍ତରେ ରହିଯାଇଛି ଗୁଣ୍ଡେଶ୍ୱର

**ଟାଙ୍ଗୀ, ୩୧।୩(ସମିସ)**

ଅନେକ ଗୁମ୍ଫା ଓ ଦେବପୀଠ ମଧ୍ୟରେ ଅନ୍ୟତମ ଗୁଣ୍ଡେଶ୍ୱର। ମାତ୍ର ଏହା ଗୁପ୍ତରେ ରହିଆସିଛି। କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ବରପଦାର ଗୁଣ୍ଡେଶ୍ୱର ଗୁମ୍ଫାରେ ରହିଛି ବହୁ ଅଲୌକିକ ଶକ୍ତି। ଶ୍ରଦ୍ଧାଳୁମାନଙ୍କ ମନସ୍କାମନା ଓ ବହୁ ପୁରାତନ ରୋଗ ଭଲ ହେଉଥିବା ବିଶ୍ୱାସ ରହିଛି। ଯାହାକୁ ନେଇ ଏହି ଗୁମ୍ଫାରେ ଲାଗେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକମାନଙ୍କର ଭିଡ଼। ଘଞ୍ଚ ଜଙ୍ଗଲ ମଧ୍ୟରେ ପାହାଡ଼ ଶିଖରେ ଅବସ୍ଥିତ ଏହି ଗୁମ୍ଫା ଭିତରେ ପୂଜା ପାଉଛନ୍ତି ତ୍ରିଦେବ। ଜଙ୍ଗଲ ମଧ୍ୟଦେଇ ୧୦୭ ପାହାଚ ଚଢ଼ି ଅତିକ୍ରମ କଲେ ଗୁଣ୍ଡେଶ୍ୱର ଗୁମ୍ଫାରେ ପହଞ୍ଚି ହେବ। କାହିଁ କେଉଁ କାଳରୁ ରହିଅଛି ଏହି ଗୁମ୍ଫାଟି। ଏଠାରେ ଅନେକ ସାଧୁସନ୍ଥ ସିଦ୍ଧି ଲାଭ କରିସାରିଛନ୍ତି। ଗୁମ୍ଫା ଭିତରେ ଶୋଭାପାଉଛି ସନ୍ଥଙ୍କ କଠଉ, ଆଶାବାଡ଼ି, ନାଗସାପ। ଗୁମ୍ଫାର ପାହାଡ଼ ମଧ୍ୟରୁ ଏବେବି ଶୁଭେ ପିଲାର କାନ୍ଦ, ହାତୀର ରଡ଼ି, ବାଘର ଗର୍ଜନ। ଯିଏ ଯେତେ ଚିନ୍ତାରେ ଥାଉ, ଗୁମ୍ଫା ପାହାଡ଼ର ପାଦଦେଶରେ ପାଦ ଦେଉ ଦେଉ ତାର ସବୁକ୍ଲେଶ ଦୂର ହୋଇଥାଏ ବୋଲି ବିଶ୍ୱାସ ଅଛି। ଜାଗର ଦିନ ଓଡ଼ିଶାର କୋଣ ଅନୁକୋଣରୁ ଏଠାକୁ ଆସନ୍ତି ହଜାର ହଜାର ଭକ୍ତ। ଏଠାରେ ଯିଏ ଯାହା ମାନସିକ କରନ୍ତି ତାହା ଅଚିରେ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି ବୋଲି କୁହନ୍ତି ଗ୍ରାମର ସୁଚିତ୍ରା ଲେଙ୍କା। ପ୍ରକୃତିର ଅନନ୍ୟ ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ ଅବସ୍ଥିତ ଏହି ଗୁମ୍ଫା ଓ ପାହାଡ଼କୁ ସରକାରଙ୍କ ତରଫରୁ ଯଦି ପୁନରୁଦ୍ଧାର କରାଯାଆନ୍ତା। ଭକ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା ମତବ୍ୟକ୍ତ କରିଛନ୍ତି। ମନ୍ଦିର ମଠର ବିକାଶ ନିମନ୍ତେ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ଗୁମ୍ଫା ପ୍ରତି ଯଦି ଦୃଷ୍ଟି ଦିଅନ୍ତେ ଗୁମ୍ଫାର ବିକାଶ ହୋଇପାରନ୍ତା ବୋଲି ପୂଜକ ପ୍ରଦୀପ ବାବା କୁହନ୍ତି।

**ବିଶ୍ୱାସ ଅବିଶ୍ୱାସର ପୀଠ ବରପଦା ଗୁମ୍ଫା**







## ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ସମ୍ମାନିତ

**କିଶନନଗର, ୩୧।୩ (ସମିସ):** ପାକ୍ଷିକ ସମ୍ବାଦ ଓ ସାହିତ୍ୟ ପତ୍ରିକା 'ଲୋକଭାଷା'ର ବିଂଶତମ ବାର୍ଷିକ ଉତ୍ସବ କିଶନନଗର ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବା, ରକ୍ତଦାନ, ଆଶ୍ରମ ସେବା, ପରିବେଶ ସୁରକ୍ଷା, ସାହିତ୍ୟ ସଂସ୍କୃତିର ବିକାଶ, କର୍କଟ ଓ ଅଙ୍ଗଦାନ ସଚେତନତା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା (ବିସିଟି)କୁ ଲୋକଭାଷା ସେବା ସମ୍ମାନ - ୨୦୨୪ରେ ସମ୍ମାନିତ କରାଯାଇଛି। ଟ୍ରଷ୍ଟର ସମ୍ପାଦକ ସାହିତ୍ୟିକ ପ୍ରିନ୍ସ ନନ୍ଦ, ସହସମ୍ପାଦକ ଇଂ.ସୁରଜ ବେହେରା, ସଂଯୋଜକ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। 'ଲୋକଭାଷା'ର ସମ୍ପାଦକ ଶୁକଦେବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଞ୍ଜିନିୟର ପ୍ରଭାକର ସ୍ୱାଇଁ, କବି ପୀତାମ୍ବର ତରାଇ, ମୁକ୍ତେଶ୍ୱର ପୀଠାଧୀଶ ବାବା ଅଦ୍ୱୈତାନନ୍ଦ ସରସ୍ୱତୀ, ଡକ୍ଟର ନାରାୟଣ ମହାନ୍ତି, ଶିକ୍ଷାବିତ୍ ପ୍ରଦୀପ୍ତ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିସିଟିକୁ ଏହି ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ ନେଇ ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ, ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ ଲୋକଭାଷା ପରିବାରକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



